بسم الله الرحمٰن الرحيم

**ଖୁତ୍‌ବା ଜୁମା ୧୦ ଜୁନ୍ ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ଟେଲଫୋର୍ଡ ୟୁ.କେ**

# ହ. ଅବୁ ବକର୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀ ଆଲୋଚନା ଚକ୍ରରେ ୟମାମା ଯୁଦ୍ଧ ଅବସରରେ ସାହାବା ର.ଅଙ୍କ ମହାନ ବଳିଦାନର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଊଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ହ. ଅବୁ ବକର ର.ଅଙ୍କ ଜୀବନୀ ଚର୍ଚ୍ଚାରେ ୟମାମା ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ତତ୍‌ସଂକ୍ରାନ୍ତରେ ହ. ହ. ଅବୁ ସଇଦ୍ ଖୁଦ୍‌ରୀ ର.ଅ ବର୍ଣ୍ଣନା କରନ୍ତି ଯେ ମୁଁ ଉବ୍‌ବାଦ୍ ବିନ୍ ବଶର୍‌ଙ୍କୁ କହୁଥିବାର ଶୁଣିଲି ଯେ ଅବୁ ସଇଦ୍ ଖୁଦ୍‌ରୀ ର.ଅ ହମ୍ ବଜାଖାରୁ ନିବୃତ୍ତ ହେବା ଦିନ ରାତ୍ରରେ ସ୍ୱପ୍ନରେ ଦେଖିଲେ ଯେ ଆକାଶ ଉନ୍ମୁକ୍ତ ହୋଇଯାଇଛି ଏବଂ ତାହା ତାଙ୍କ ସକାଶେ ବନ୍ଦ କରି ଦିଆଯାଇଛି । ତହିଁରୁ ଯଥାର୍ଥ ଶାହାଦତ୍ ଅର୍ଥାତ ବୀରଗତି ପ୍ରାପ୍ତ ଥିଲା । ହ. ଅବୁ ସଇଦ୍ ର.ଅ କହନ୍ତି ମୁଁ କହିଲି ଯେ **ଇନ୍‌ଶାଅଲ୍ଲାଃ** ଯାହା ବି ହେବ ସବୁ ମଙ୍ଗଳ ହେବ । ହ. ଅବୁ ସଇଦ୍ ର.ଅ କହନ୍ତି : ମୁଁ ଉବ୍‌ବାଦ୍ ବଶର୍‌ଙ୍କ ଶାହାଦତ୍ ପରେ ତାଙ୍କୁ ଦେଖିଲି ଯେ ତାଙ୍କ ମୁଖ ମଣ୍ଡଳରେ ଖଡ଼୍‌ଗର ଅନେକ କ୍ଷତ ଚିହ୍ନ ରହିଥିଲା । ତାଙ୍କ ଶରୀରରେ ଥିବା ଏକ ଚିହ୍ନକୁ ଦେଖି ମୁଁ ତାଙ୍କୁ ଚିହ୍ନଟ କରିଥିଲି ଯେ ଏ ହେଉଛନ୍ତି ଉବ୍‌ବାଦ୍ ବିନ୍ ବଶର୍।

ହୁଜୁର ଅନୱର୍ ଅ.ବ କହିଲେ : ପୁନଶ୍ଚ ଏହାପରେ ଉମ୍ମେ ଅମ୍ମାରାଙ୍କ ଚର୍ଚ୍ଚା ଆସେ । ଉମ୍ମେ ଅମ୍ମାରାହ୍ ଇସ୍‌ଲାମ୍ ଧର୍ମର ଇତିହାସରେ ଜଣେ ବୀର ସାହାସିଣୀ ମହିଳାଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସେ ଜଣା ସାହାବିୟା (ସହଚରିଣୀ) ଥିଲେ । ସେ ୱହୋଦ୍ ଯୁଦ୍ଧରେ ଅଂଶ ଗ୍ରହଣ କରି ନିଜର ଅପୂର୍ବ ବୀରତ୍ୱ ଓ ପରାକାଷ୍ଠା ପ୍ରଦର୍ଶନ କିରଥିଲେ । ଉମ୍ମେ ଅମ୍ମାରା ୟମାମା ଯୁଦ୍ଧ ସଂକ୍ରାନ୍ତରେ ବର୍ଣ୍ଣନା କରନ୍ତି ଯେ ତାଙ୍କର ସୁପୁତ୍ର ଅବ୍‌ଦୁଲ୍ଲାଃ ମିଥ୍ୟାବାଦୀ ମୁସୈଲେମାର ବଧ କରିଥିଲେ । ହ. ଉମ୍ମେ ଅମ୍ମାରା ସେଦିନ ସ୍ୱୟଂ ମଧ୍ୟ ୟମାମା ଯୁଦ୍ଧରେ ସାମିଲ ଥିଲେ ଏବଂ ସେହି ଯୁଦ୍ଧରେ ସେ ନିଜର ଏକ ବାହୁ ହରାଇଥିଲେ । ହ. ଉମ୍ମେ ଅମ୍ମାରାଙ୍କ ସେହି ଯୁଦ୍ଧରେ ସାମିଲ୍ ହେବାର କାରଣ ସଂପର୍କରେ ଏହା ବର୍ଣ୍ଣନା କରାଯାଇଛି ଯେ ତାଙ୍କର ସୁପୁତ୍ର ହବିବ୍ ବିନ୍ ଜୈଦ୍ ଯିଏକି ଅମ୍ମାନ୍ ନାମକ ସ୍ଥାନରେ ଥିଲେ, ସେ ଆଁହଜରତ ସ.ଅଙ୍କ ବିୟୋଗ ବାର୍ତ୍ତା ଶୁଣି ଅମ୍ମାନ୍‌ରୁ ମଦିନା ଫେରୁଥିଲେ । ଅମ୍ମାନ୍‌ରେ ହିଁ ମିଥ୍ୟାବାଦୀ ମୁସୈଲମା ତାଙ୍କୁ ଧରି ନେଇ କହିଲା, ହେ ହବିବ୍ ! କ'ଣ ତୁ ଏହା ସାକ୍ଷ୍ୟ ଦେଉଛୁ ଯେ ମୁଁ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଅଟେ ? ହବିବ୍ ଉତ୍ତର ଦେଲେ ଯେ ମୁଁ ଶୁଣି ପାରିଲି ନାହିଁ । ମୁସୈଲମା ପୁନଶ୍ଚ ପଚାରିଲା, ହେ ହବିବ୍ ! କ'ଣ ତୁ ସାକ୍ଷ୍ୟ ଦେଉଛୁ ଯେ ମୁହମ୍ମଦ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି ? ହବିବ୍ ର.ଅ କହିଲେ ହଁ । ଏଥିରେ ମୁସୈଲେମା ଉତ୍‌କ୍ଷିପ୍ତ ହୋଇଯାଇ ତାଙ୍କ ସଂପର୍କରେ ଏହି ଆଦେଶ ଦେଲା ଯେ ତାଙ୍କୁ ଖଣ୍ଡାରେ ଖଣ୍ଡ ବିଖଣ୍ଡ କରିଦିଆଯାଉ । ମୁସୈଲେମା ଯେତେବେଳେ ବି ହିବିବ୍ ର.ଅଙ୍କୁ କହୁଥିଲା, ହେ ହବିବ୍ କ'ଣ ତୁ ସାକ୍ଷ୍ୟ ଦେଉଛୁ ଯେ ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ । ପ୍ରତ୍ୟୁତ୍ତରରେ ସେ କହୁଥିଲେ, ମୁଁ ଶୁଣି ପାରୁ ନାହିଁ ଏବଂ ଯେତେବେଳେ ସେ ଏହା କହୁଥିଲା ଯେ ହେ ହବିବ୍ ! କ'ଣ ତୁ ସାକ୍ଷ୍ୟ ଦେଉଛୁ ଯେ ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି ? ପ୍ରତ୍ୟୁତ୍ତରରେ ହେ ହବିବ୍ କହିଲେ, ହଁ । ଏକଥା ଶୁଣି ମୁସୈଲେମା ତାଙ୍କର ଏକ ବାହୁକୁ କାଟିଦେଲା । ଯେତେବେଳେ ହ. ଉମ୍ମେ ଅମ୍ମାରାଙ୍କୁ ନିଜ ସୁପୁତ୍ରଙ୍କ ଶାହାଦତ୍‌ର ସୂଚନା ମିଳିଲା

ସେତେବେଳେ ସେ ଏହି ଶପଥ କଲେ ଯେ, ସେ ସ୍ୱୟଂ ମିଥ୍ୟାବାଦୀ ମୁସୈଲେମାର ସାମ୍ନା କରିବେ କିମ୍ବା ତା'କୁ ମାରି ପକେଇବେ ଅବା ସ୍ୱୟଂ ଅଲ୍ଲାଃତାଲାଙ୍କ ମାର୍ଗରେ ବୀରଗତି ପ୍ରାପ୍ତ କରିବେ । ଉକ୍ତ ଯୁଦ୍ଧରେ ତାଙ୍କର ଆଉ ଜଣେ ସୁପୁତ୍ର ମଧ୍ୟ ସାମିଲ ଥିଲା । ସେ ବର୍ଣ୍ଣନା କରନ୍ତି ଯେ ଯେତେବେଳେ ଆମେମାନେ ୟମାମା ଠାରେ ପହଞ୍ଚିଲୁ ସେତେବେଳେ ଘମାଘୋଡ଼ ଯୁଦ୍ଧ ହେଲା । ମୁଁ ଈଶ୍ୱରଙ୍କ ଶତ୍ରୁର ଅଭିଳାଷା କଲି ଯେ ତା' ପାଦକୁ ଓ ତା'କୁ ଦେଖିବି । ମୁଁ ଅଲ୍ଲାଃତାଲାଙ୍କ ନିକଟରେ ପ୍ରତିଜ୍ଞା କରିଥିଲି ଯେ ମୁଁ ଯଦି ତା'କୁ ଦେଖିନିଏ ତେବେ ତା'କୁ ଛାଡ଼ିବି ନାହିଁ । ତା'କୁ ମାରି ପକେଇବି ଅବା ନିଜେ ମରିବି । ଏପର୍ଯ୍ୟନ୍ତକି ମୁଁ ଅଲ୍ଲାଃତାଲାଙ୍କ ଶତ୍ରୁକୁ ଦେଖିନେଲି । ମୁଁ ତା' ଉପରେ ଆକ୍ରମଣ କରିଦେଲି । ଜଣେ ବ୍ୟକ୍ତି ମୋ ସମ୍ମୁଖକୁ ଆସିଲା ଏବଂ ସେ ମୋ ହସ୍ତରେ ପ୍ରହାର କଲା ଏବଂ ତା'କୁ କାଟି ପକାଇଲା । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ଆଦୌ ବିଚଳିତ ହେଲି ନାହିଁ । କାରଣ ମୁଁ ସେହି ଦୁଷ୍ଟ ପର୍ଯ୍ୟନ୍ତ ପହଞ୍ଚି ଯାଏ ଏବଂ ସେ ସେତେବେଳେ ଭୂମି ଉପରେ ପଡ଼ିଥିଲା ଏବଂ ମୁଁ ନିଜର ସୁପୁତ୍ର ଅବ୍ଦୁଲ୍ଲାଃକୁ ସେଠାରେ ପାଇଲି । ଅବ୍ଦୁଲ୍ଲାଃ ତା'କୁ ମାରି ଦେଇଥିଲା । ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ହ. ଉମ୍ମେ ଅମ୍ମାରା ବର୍ଣ୍ଣନା କରନ୍ତି ଯେ, ମୋର ସୁପୁତ୍ର ଅବ୍ଦୁଲ୍ଲାଃ ନିଜର କପଡ଼ା ଦ୍ୱାରା ଖଡ୍‌ଗରୁ ରକ୍ତ ପୋଛୁଥିଲା । ମୁଁ ତା'କୁ ପଚାରିଲି ଯେ ହେ ଅବ୍ଦୁଲ୍ଲାଃ ! କ'ଣ ତୁମେ ମୁସୈଲେମାକୁ ବଧ କରିଛ ? ସେ କହିଲା ହେ ମୋର ମାତା ଶ୍ରୀ ହଁ ! ମୁଁ ଅଲ୍ଲାଃତାଲାଙ୍କ ସମ୍ମୁଖରେ ସଜ୍‌ଦା କଲି । ହ. ଉମ୍ମେ ଅମ୍ମାରା କହନ୍ତି, ଅଲ୍ଲାଃତାଲା ଶତ୍ରୁର ମୂଳୋତ୍ପାଟନ କରିଦେଲେ । ଯେତେବେଳେ ଯୁଦ୍ଧର ପରିସମାପ୍ତି ଘଟିଲା ଏବଂ ମୁଁ ନିଜର ଘରକୁ ଫେରିଲି ସେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ଜଣେ ଆରବୀୟ ବୈଦ୍ୟକୁ ମୋ ନିକଟକୁ ନେଇ ଆସିଲେ । ସେ ଫୁଟୁଥିବା ତତଲା ତେଲ ଦ୍ୱାରା ମୋର ଉପଚାର କଲା । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ଏହି ଉପଚାର ମୋ ପାଇଁ ହାତ କଟିବା ଠାରୁ ଅଧିକ କଷ୍ଟଦାୟକ ଥିଲା । ହ. ଖାଲିଦ୍ ମୋର ବହୁତ ଯତ୍ନ ନେଉଥିଲେ ଏବଂ ଆମ ପ୍ରତି ସେ ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥିଲେ । ସେ ଆମର ଅଧିକାର ସର୍ବଦା ସ୍ମରଣ ରଖୁଥିଲେ ଏବଂ ଆମମାନଙ୍କ ସଂପର୍କରେ ନବୀ କରୀମ୍ ସ.ଅଙ୍କ ୱସିୟତ୍‌କୁ ମନେ ରଖିଥିଲେ ।

ୟମାମା ଯୁଦ୍ଧରେ ଆହତ ମୁସଲମାନମାନଙ୍କର ସଂଖ୍ୟା ଅତ୍ୟଧିକ ଥିଲା ଏବଂ ଆହତ ହେବା ଯୋଗୁଁ ଅନ୍‌ସାର୍ ଏବଂ ପ୍ରବାସକାରୀମାନଙ୍କ ମଧ୍ୟରୁ ଖୁବ କମ୍ ସଂଖ୍ୟକ ମୁସଲମାନମାନେ ହ. ଖାଲିଦ୍ ର.ଅଙ୍କ ସହିତ ନମାଜ ପଢୁଥିଲେ । ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ହ. ଉମ୍ମେ ଅମ୍ମାରାହ୍ ୟମାମା ଯୁଦ୍ଧ ଦିନ ଆହତ ହୋଇଥିଲେ । ଖଡ୍‌ଗ ଏବଂ ବର୍ଚ୍ଛାର ଏଗାରଟି କ୍ଷତ ତାଙ୍କୁ ଲାଗିଥିଲା । ଏତଦ୍‌ଭିନ୍ନ ସେ ନିଜର ଏକ ବାହୁ ମଧ୍ୟ ହରାଇଥିଲେ । ହ. ଅବୁ ବକର ର.ଅ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଥିଲେ ଏବଂ ତାଙ୍କ ନିକଟକୁ ଆସୁଥିଲେ । କାଆବ୍ ବିନ୍ ଉଜ୍ରାହ୍ ସେଦିନ ଅତ୍ୟନ୍ତ ବୀରତ୍ୱର ସହିତ ଲଢିଥିଲେ । ମୁସଲମାନମାନଙ୍କୁ ସେଦିନ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା ଏବଂ ଲୋକମାନେ ପରାଜୟ ସ୍ୱୀକାର କରି ପଳାୟନ କରି ସୈନ୍ୟଦଳର ଶେଷ ଭାଗକୁ ମଧ୍ୟ ଅତିକ୍ରମ କରିଗଲେ । ହ. କାଆବ୍ ମୁସଲମାନମାନଙ୍କୁ ଡାକରା ଦେଲେ ହେ ମୁସଲମାନ ଭାଇମାନେ ! ହେ ଅନ୍‌ସାର୍‌ମାନେ ! ଆଁହଜରତ ସ.ଅଙ୍କ ସାହାଯ୍ୟ ପାଇଁ ଦୌଡ଼ି ଆସ । ସେ ଏହା କହି ମୁହ୍‌କମ୍ ବିନ୍ ତୁଫୈଲ ପର୍ଯ୍ୟନ୍ତ ପହଞ୍ଚିଗଲେ । ମୁହ୍‌କମ୍ ତାଙ୍କ ଉପରେ ପ୍ରହାର କଲା ଏବଂ ତାଙ୍କର ବାମ ବାହୁକୁ କାଟିଦେଲା । ମୁଁ ଅଲ୍ଲାତାଲାଙ୍କ ଶପଥ କରି କହୁଛି ଯେ ଏହା ସତ୍ତ୍ୱେ ମଧ୍ୟ ହ. କାଆବ୍ ର.ଅ ବିଚଳିତ ହେଲେ ନାହିଁ ଏବଂ ଡାହାଣ ହସ୍ତରୁ ଶତ୍ରୁ ଉପରେ ପ୍ରହାର କରୁଥିଲେ । ଅପରପକ୍ଷରେ ତାଙ୍କର ବାମ ବାହୁ ରକ୍ତ କ୍ଷରିତ ହେଉଥିଲା । ପୁନଶ୍ଚ ଅବୁ ଅକିଲ୍‌ଙ୍କ ସଂପର୍କରେ ବର୍ଣ୍ଣନା ମିଳେ ଯେ ଅବୁ ଅକିଲ୍ ଅନ୍‌ସାର୍‌ଙ୍କର ମିତ୍ର ଥିଲେ । ସେ ୟମାମା ଯୁଦ୍ଧ ଦିନ ସର୍ବ ପ୍ରଥମେ ଯୁଦ୍ଧ ପାଇଁ ବାହାରିଥିଲେ । ତାଙ୍କୁ ଏକ ତୀର ଲାଗିଥିଲା ଯାହାକି ତାଙ୍କର କାନ୍ଧକୁ ବିଦୀର୍ଣ୍ଣ କରି (ଭେଦି) ହୃଦୟ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ସେ ଉକ୍ତ ତୀରକୁ ହାତ ସାହାଯ୍ୟରେ ଟାଣି ବାହାର କଲେ । ଫଳତଃ ସେ ଉକ୍ତ କ୍ଷତ ଯୋଗୁଁ ଅତ୍ୟନ୍ତ ଦୁର୍ବଳ ହୋଇଗଲେ । ସେ ମାଆନ୍ ବିନ୍ ଅଦିଙ୍କୁ କହୁଥିବାର ଶୁଣିଲେ, ଯେ ହେ ଅନ୍‌ସାର୍‌ମାନେ ! ଶତ୍ରୁ ଉପରେ ଆକ୍ରମଣ କରିବାକୁ ଡେଇଁପଡ଼ । ଉମ୍ରୋ କହନ୍ତି ଯେ ଅବୁ ଅକିଲ୍ ନିଜର ଲୋକମାନଙ୍କ ନିକଟକୁ ଯିବା ପାଇଁ ଛିଡ଼ା ହେଲେ । ମୁଁ ପଚାରିଲି ଯେ ହେ ଅବୁ ଅକିଲ୍ ! ଆପଣ କ'ଣ ଚାହୁଁଛନ୍ତି ? ଆପଣଙ୍କ ପାଖରେ ଯୁଦ୍ଧ କରିବା ପାଇଁ ଆଉ ବଳ ଏବଂ ସାହସ ନାହିଁ ? ଆପଣ ତ' ବହୁତ ଦୁର୍ବଳ ହୋଇଯାଇଛନ୍ତି । ପ୍ରତ୍ୟୁତ୍ତରରେ ସେ

କହିଲେ, ଡାକିଲା ବାଲା ମୋ ନାଁ ଧରି ଡାକିଛି । ମୁଁ କହିଲି ସେ ତ' କେବଳ ଅନ୍‌ସାର୍‌ମାନଙ୍କ ନାଁ ନେଇଛନ୍ତି ଏବଂ ତାଙ୍କ ଡାକିବାର ଅଭିପ୍ରାୟ ଆହତମାନେ ନୁହନ୍ତି । ଅବୁ ଅକିଲ୍ ଉତ୍ତର ଦେଲେ ଯେ ମୁଁ ଅନ୍‌ସାର୍‌ମାନଙ୍କ ମଧ୍ୟରୁ ଜଣେ ଅଟେ ଏବଂ ଅନ୍ୟମାନେ ଦୁର୍ବଳତା ପ୍ରଦର୍ଶନ କରନ୍ତୁ ପଛେ ମୁଁ ଅବଶ୍ୟ ଉତ୍ତର ଦେବି । ଇବ୍‌ନେ ଉମର୍ କହନ୍ତି ଯେ ଅବୁ ଅକିଲ୍ ସାହାସ କରି ଛିଡାହେଲେ ଏବଂ ନିଜର ଡାହାଣ ହାତରେ ଫୁଙ୍ଗୁଳା ଖଡ୍‌ଗ ଧରିଲେ । ପୁନଶ୍ଚ ଡାକିବାକୁ ଲାଗିଲେ ଯେ ହେ ଅନ୍‌ସାର୍‌ମାନେ ! ହୁନୈନ୍ ଯୁଦ୍ଧ ଦିନ ପରି ପାଲଟା ଆକ୍ରମଣ କର । ଅତଏବ ସେମାନେ ସମସ୍ତେ ଏକତ୍ରିତ ହୋଇଗଲେ ଏବଂ ଶତ୍ରୁ ସମ୍ମୁଖରେ ମୁସଲମାନମାନଙ୍କର ଢାଲ ହୋଇଗଲେ । ଏପର୍ଯ୍ୟନ୍ତକି ସେ ଶତ୍ରୁଙ୍କୁ ଉଦ୍ୟାନ ମଧ୍ୟକୁ ଠେଲି ଦେଲେ । ମୁସଲମାନ ଓ ଶତ୍ରୁମାନେ ପରସ୍ପର ସହିତ ମିଶିଗଲେ ଅର୍ଥାତ ଉଭୟ ପକ୍ଷରେ ଘମାଘୋଡ଼ ଯୁଦ୍ଧ ହେଲା ଏବଂ ପରସ୍ପର ଉପରେ ଖଡ୍‌ଗ ଉତ୍ତୋଳନ କଲେ । ମୁଁ ଅବୁ ଅକିଲ୍‌କୁ ଦେଖିଲି ଯେ ତାଙ୍କ ଆହତ ହାତଟି କାନ୍ଧରୁ କଟିଗଲା ଏବଂ ତାଙ୍କର ସେହି ବାହୁ ଭୂମି ଉପରେ ପଡ଼ିଗଲା । ହ. ଅକିଲ ର.ଅଙ୍କୁ ଉକ୍ତ ଯୁଦ୍ଧରେ ୧୪ଟି କ୍ଷତ ଲାଗିଥିଲା। ସେହି ସମସ୍ତ କ୍ଷତାକ୍ତ ଯୋଗୁଁ ସେ ବୀରଗତି ପ୍ରାପ୍ତ କଲେ । ହ. ଇବ୍‌ନେ ଉମର୍ କହନ୍ତି, ଯେତେବେଳେ ମୁଁ ହ. ଅବୁ ଅକିଲ୍ ର.ଅଙ୍କ ନିକଟରେ ପହଞ୍ଚିଲି ସେତେବେଳେ ସେ ଭୂମି ଉପରେ ପଡ଼ିଥିଲେ ଏବଂ ଶେଷ ନିଃଶ୍ୱାସ ନେଉଥିଲେ । ମୁଁ କହିଲି ହେ ଅବୁ ଅକିଲ୍ ! ପ୍ରତ୍ୟୁତ୍ତରରେ ସେ ଖନ୍ନି ସ୍ୱରରେ କହିଲେ, ଲବ୍‌ବୈକ୍ (ଅର୍ଥାତ ଆଜ୍ଞା) । ପୁନଶ୍ଚ କହିଲେ କିଏ ପରାସ୍ତ ହେଲା ? ମୁଁ ଉଚ୍ଚ ସ୍ୱରରରେ କହିଲି ଆପଣଙ୍କୁ ଶୁଭ ସମାଚାର ଦେଉଛି ଯେ ଅଲ୍ଲାଃତାଲାଙ୍କ ଶତ୍ରୁ ମୁସୈଲେମା ନିହତ ହୋଇଛି । ସେ **ଅଲ୍‌ହମ୍‌ଦୁ ଲିଲ୍ଲାଃ** କହି ନିଜର ଆଙ୍ଗୁଠି ଆକାଶ ଆଡ଼କୁ ଇଙ୍ଗିତ କରି ଇହଧାମ ତ୍ୟାଗ କଲେ । ଇବ୍‌ନେ ଉମର୍ ର.ଅ କହନ୍ତି ଯେ ମୁଁ ନିଜ ପିତା ହ. ଉମର୍ ର.ଅଙ୍କୁ ଯେତେବେଳେ ହ. ଅକିଲ୍ ର.ଅଙ୍କର ଏହି ସମସ୍ତ ବୃତ୍ତାନ୍ତ ଶୁଣାଇଲି ସେତେବେଳେ ସେ କହିଲେ ଅଲ୍ଲାଃତାଲା ତାଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ସେ ସର୍ବଦା ଶାହାଦତ୍‌ର ଅଭିଳାଷୀ ଥିଲେ ଏବଂ ମୋ ବିଚାରରେ ସେ ରସୁଲୁଲ୍ଲାଃ ସ.ଅଙ୍କ କେତେକ ନିର୍ବାଚିତ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଏବଂ ତନ୍ମଧ୍ୟରୁ ସେ ପୁରାତନ ଇସ୍‌ଲାମ୍ ଧର୍ମ ଗ୍ରହଣକାରୀ ମଧ୍ୟ ଥିଲେ ।

ୟମାମା ଯୁଦ୍ଧ ପରେ ଦିନେ ମୁଜାଆ ବିନ୍ ମୁରାରହ୍ ହ. ଅବୁ ବକର ର.ଅଙ୍କୁ କହିଲେ, ହେ ରସୁଲୁଲ୍ଲାଃ ସ.ଅଙ୍କ ଖଲିଫା ! ମୁଁ ୟମାମା ଯୁଦ୍ଧରେ ଅଂଶଗ୍ରହଣ କରିଥିବା ସାହାବାମାନଙ୍କ ଠାରୁ ଅଧିକ ଆଉ କାହାରିକୁ ଖଡ୍‌ଗ ଆଗରେ ଅବିଚଳ ଥିବାର ଦେଖି ନାହିଁ ଓ ନା ହିଁ ମୁଁ ସେମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ତୀବ୍ର ଆକ୍ରମଣକାରୀ ରୂପେ ଦେଖିଛି । ମୁଜାଆ ହ. ଅବୁ ବକର ର.ଅଙ୍କୁ ମାଆନ୍ ବିନ୍ ଅଦି ଓ ଅନ୍‌ସାର୍‌ର ଦୃଢ ଅବିଚଳତା ଏବଂ ନିର୍ଭୀକ ଭାବରେ ଯୁଦ୍ଧ ଲଢୁଥିବାର ତାଙ୍କ ଶାହାଦତ୍ କଥା କହୁଥିଲେ । ଏହା ଶୁଣି ହ. ଅବୁ ବକର ର.ଅ କାନ୍ଦି ପକାଇଲେ । ଏପର୍ଯ୍ୟନ୍ତକି ତାଙ୍କର ପବିତ୍ର ଦାଢି ଲୁହ ଦ୍ୱାରା ଭିଜିଗଲା ।

ମେହମୁଦ୍ ବିନ୍ ଲବିଦ୍ ବର୍ଣ୍ଣନା କରନ୍ତି ଯେ ହ. ଖାଲିଦ ର.ଅ ଯେତେବେଳେ ୟମାମାବାସୀଙ୍କୁ ବଧ କଲେ ସେତେବେଳେ ଉକ୍ତ ଯୁଦ୍ଧରେ ମୁସଲମାନମାନେ ମଧ୍ୟ ବିପୁଳ ସଂଖ୍ୟାରେ ବୀରଗତି ପ୍ରାପ୍ତ କଲେ । ଏପର୍ଯ୍ୟନ୍ତକି ଉକ୍ତ ଯୁଦ୍ଧରେ ଆଁହଜରତ ସ.ଅଙ୍କର ଅଧିକାଂଶ ସାହାବାମାନେ ବୀରଗତି ପ୍ରାପ୍ତ କଲେ ଏବଂ ଯେଉଁ ଅଳ୍ପ କେତେକ ମୁସଲମାନମାନେ ଜୀବିତ ରହିଯାଇଥିଲେ ସେମାନେ ଗମ୍ଭୀର ରୂପେ ଆହତ ହୋଇଥିଲେ । ଯେତେବେଳେ ହ. ଖାଲିଦ୍ ର.ଅଙ୍କୁ ମୁସୈଲେମାର ବଧର ସୂଚନା ପ୍ରଦାନ କରାଗଲା ସେତେବେଳେ ସେ ମୁଜାଆକୁ ଶିକୁଳିରେ କବଳିତ କରି ନିଜ ସାଥିରେ ଆଣିଲେ । କାରଣ ମୁସୈଲେମାର ଚିହ୍ନଟ କରାଯାଉ । ସେ ଶବ ମଧ୍ୟରେ ତା'କୁ ଦେଖୁଥିଲା । କିନ୍ତୁ ସେଠାରେ ମୁସୈଲେମା ମିଳିଲା ନାହିଁ । ପୁନଶ୍ଚ ଯେତେବେଳେ ସେ ଉଦ୍ୟାନରେ ପ୍ରବେଶ କଲା ସେତେବେଳେ ଏକ ଗେଡ଼ା ହଳଦିଆ ବର୍ଣ୍ଣର ଚେପଟା ନାକ ବ୍ୟକ୍ତିର ଶବ ଦିଶିଲା । ମୁଜାଆ କହିଲା, ଏଇଟା ମୁସୈଲେମା ଯାହା ଠାରୁ ତୁମେମାନେ ନିସ୍ତାର ପାଇ ସାରିଲଣି ।

ହ. ଅବୁ ବକର ସିଦ୍ଦିକ ର.ଅଙ୍କ ଏକ ସ୍ୱପ୍ନର ଚର୍ଚ୍ଚା ମିଳେ ଯେ ହ. ଅବୁ ବକର ର.ଅ ଯେତେବେଳେ ହ. ଖାଲିଦ ର.ଅଙ୍କୁ ୟମାମା ଅଭିମୁଖେ ପ୍ରେରଣ କଲେ ସେତେବେଳେ ସେ ସ୍ୱପ୍ନରେ ଦେଖିଥିଲେ ଯେ ତାଙ୍କ ନିକଟରେ ହିଜର୍ ବସ୍ତି ରହିଛି ସେହି ଉଦ୍ୟାନରୁ ଖଜୁରୀ ଅଣା ଯାଇଛି । ସେ ତହିଁରୁ ଏକ ଖଜୁରୀ କୋଳି ସେବନ କଲେ । କିନ୍ତୁ ଆପଣ ତା'ର

ମଞ୍ଜି ପାଇଲେ । ଅର୍ଥାତ ଖଜୁରୀ ତ' ନଥିଲା ବରଂ ତା'ର ମଞ୍ଜି ଥିଲା । କିଛି ସମୟ ଧରି ଆପଣ ତା'କୁ ଚୋବେଇଲେ ଏବଂ ଏହାପରେ ତା'କୁ ପାଟିରୁ କାଢି ଫିଙ୍ଗିଦେଲେ । ଆପଣ ଏହାର ତାତ୍ପର୍ଯ୍ୟ କଲେ ଯେ ହ. ଖାଲିଦ ର.ଅଙ୍କୁ ୟମାମା ଅଭିମୁଖେ ଭୀଷଣ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ଅଲ୍ଲାଃତାଲା ଅବଶ୍ୟ ତାଙ୍କ ହସ୍ତରେ ମୁସଲମାନମାନଙ୍କୁ ବିଜୟ ପ୍ରଦାନ କରିବେ । ହ. ଅବୁ ବକର ର.ଅ ୟମାମା ଆଡୁ ଆସୁଥିବା ସମ୍ବାଦର ଆତ୍ୟନ୍ତ ଆତୁରତାର ସହିତ ଅପେକ୍ଷା କରିଥିଲେ ଏବଂ ଯେମିତି ହ. ଖାଲିଦ୍ ର.ଅଙ୍କ ନିକଟରୁ କୌଣସି ସନ୍ଦେଶବାହକ ଆସୁଥିଲା ସେତେବେଳେ ସେ ସେହି ସନ୍ଦେଶ ବାହକ ଠାରୁ ସମ୍ବାଦ ପ୍ରାପ୍ତ କରୁଥିଲେ ।

ଉକ୍ତ ଯୁଦ୍ଧରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ସଂପର୍କରେ ଏହା କୁହାଯାଏ ଯେ ଉକ୍ତ ଯୁଦ୍ଧରେ ପ୍ରାୟ ଦଶ ହଜାର ଲୋକ ପ୍ରାଣ ହରାଇଥିଲେ । ଆଉ ଏକ ବର୍ଣ୍ଣନାରେ ୨୧୦୦୦ ଲୋକ ପ୍ରାଣ ହରାଇଥିବାର ମଧ୍ୟ ଉଲ୍ଲେଖ ରହିଛି। ଅପର ପକ୍ଷରେ ୫୦୦ କିମ୍ବା ୬୦୦ ସଂଖ୍ୟକ ମୁସଲମାନମାନେ ବୀରଗତି ପ୍ରାପ୍ତ କରିଥିଲେ । ଅନ୍ୟ କେତେକ ବର୍ଣ୍ଣନାରେ ୟମାମା ଯୁଦ୍ଧରେ ବୀରଗତି ପ୍ରାପ୍ତ କିରଥିବା ମୁସଲମାନମାନଙ୍କ ସଂଖ୍ୟା ସଂପର୍କରେ ଏହା କୁହାଯାଏ ଯେ ଉକ୍ତ ଯୁଦ୍ଧରେ ୭୧୨ ଏବଂ ୧୭୦୦ ଜଣ ମୁସଲମାନମାନେ ବୀରଗତି ପ୍ରାପ୍ତ କରିଥିଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଉକ୍ତ ଯୁଦ୍ଧରେ ୭୦୦ରୁ ଅଧିକ ହୁଫ୍ଫାଜ(ପବିତ୍ର କୁରଆନ୍ କଣ୍ଠସ୍ଥ କରିଥିବା ସାହାବା)ମାନେ ବୀରଗତି ପ୍ରାପ୍ତ କରିଥିଲେ । ସେହି ଶୋହଦାଙ୍କ ମଧ୍ୟରେ ବରିଷ୍ଠ ସାହାବମାନେ ଓ ହୁଫ୍ଫାଜେ କୁରଆନ୍ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ । ଯେଉଁମାନଙ୍କର ମର୍ଯ୍ୟାଦା ଏବଂ ସ୍ତର ମୁସଲମାନମାନଙ୍କ ନିକଟରେ ଖୁବ ଉଚ୍ଚାସୀନ ଥିଲା । ସେମାନଙ୍କର ଶାହାଦତ୍ ଏକ ବଡ଼ ଦୁର୍ଭାଗ୍ୟପୂର୍ଣ୍ଣ ଦୁର୍ଘଟଣା ଥିଲା । କିନ୍ତୁ ସେହି ହୁଫ୍ଫାଜେ କୁରଆନ୍ଙ୍କ ଶାହାଦତ୍ ହିଁ ପବିତ୍ର କୁରଆନର ଏକତ୍ରିକରଣର କାରଣ ହେଲା । ସେହି ଶୋହଦାଙ୍କ ମଧ୍ୟରେ ପ୍ରଖ୍ୟାତ ସାହାବାମାନଙ୍କର ନାମ ଯଥାକ୍ରମେ ହେଲା – ହ. ଜୈଦ୍ ବିନ୍ ଖତ୍ତାବ୍, ହ. ଅବୁ ହୁଜୈଫା ବିନ୍ ରବିୟା, ହ. ସାଲିମ୍ ମୌଲା ଅବୁ ହୁଜୈଫା, ହ. ଖାଲିଦ୍ ବିନ୍ ଉସୈଦ୍, ହ. ହିକମ୍ ବିନ୍ ସଇଦ୍, ହ. ତୁଫୈଲ୍ ବିନ୍ ଉମ୍ରୋ ଦୁସି, ହ. ଜୁବୈର ବିନ୍ ଅୱାମ୍ଙ୍କ ଭାଇ ହ. ସାଏବ୍ ବିନ୍ ଅୱାମ୍, ହ. ଅବଦୁଲ୍ଲାଃ ବିନ୍ ହାରିସ୍ ବିନ୍ କୈସ୍, ହ. ଅବ୍ବାଦ୍ ବିନ୍ ହାରିସ୍, ହ. ଅବ୍ବାଦ୍ ବିନ ବଶର୍. ହ. ମାଲିକ୍ ବିନ୍ ୱସ୍, ହ. ସୁରାକା ବିନ୍ କାଆବ୍. ହ. ମାଆନ୍ ବିନ୍ ଅଦି (ଆଁହଜରତ ସ.ଅଙ୍କ ଉଦବୋଧକ), ହ. ସାବିତ୍ ବିନ୍ କୈସ୍ ବିନ୍ ଶମାଶ୍, ହ. ଅବୁ ଦୁଜାନା, କପଟବିଶ୍ୱାସୀଙ୍କ ସରଦାର ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ର ସୁପୁତ୍ର ତଥା ସତ୍ୟବାଦୀ ବିଶ୍ୱାସୀ ପୁତ୍ର ହ. ଅବ୍ଦୁଲ୍ଲାଃ ବିନ୍ ଅବ୍ଦୁଲ୍ଲାଃ ଓ ହ. ୟଜିଦ୍ ବିନ୍ ସାବିତ୍ ଖଜ୍ରଜି ।

କେତେକ ଐତିହାସବିତଙ୍କ ନିକଟରେ ୟମାମା ଯୁଦ୍ଧ ରବିଉଲ୍ ଅୱଲ୍ ୧୨ ହିଜ୍ରୀରେ ହୋଇଥିଲା । ଅପର ପକ୍ଷରେ ଅନ୍ୟ କେତେକଙ୍କ ମତାନୁସାରେ ଏହି ଯୁଦ୍ଧ ୧୧ ହିଜରୀର ଶେଷରେ ହୋଇଥିଲା । ଏହି ଦୁଇ ମତ ମଧ୍ୟରେ ସମତା ରକ୍ଷା ଏହିପରି ହୋଇପାରିବ ଯେ ଉକ୍ତ ଯୁଦ୍ଧର ପ୍ରାରମ୍ଭ ୧୧ ହିଜ୍ରୀରେ ହୋଇଥିଲା ଓ ଏହାର ପରିସମାପ୍ତି ୧୨ ହିଜରୀରେ ହୋଇଥିଲା ।

---

**ଅଲ୍ହମ୍ଦୁ ଲିଲ୍ଲାହି ନହ୍ମଦୁହୁ ଓ ନସ୍ତଈନୁହୁ ୱନସ୍ତଗ୍ଫିରୁହୁ ୱନୁମିନୁ ବିହି ୱନତୱକ୍କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍ଲିଲ୍ହୁ ଫଲା ହାଦିୟା ଲହୁ ୱନଶ୍ହଦୁ ଅନ୍ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍ହଦୁ ଅନ୍ନା ମୁହମ୍ମଦନ୍ ଅବ୍ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍ଲେ ୱଲ୍ ଇହ୍ସାନି ୱଇତାଇଜିଲ୍ କୁର୍ବା ୱୟନ୍ହା ଅନିଲ୍ ଫହ୍ଶାଇ ୱଲ୍ ମୁନ୍କରି ୱଲ୍ ବଗ୍ଇ ୟଇଜୁକୁମ୍ ଲାଅଲ୍ଲକୁମ୍ ତଜକ୍ କରୁନା ଉଯ୍କୁରୁଲ୍ଲାହ୍ ୟଜ୍କୁରୁକୁମ୍ ୱଦ୍ଉହୁ ୟସ୍ତଜିବ୍ ଲକୁମ୍ ୱଲଜ଼ିକରୁଲ୍ଲାହି ଅକ୍ବର୍।**

.....................................

KHULASA KHUTBA JUMA HUZOOR ANWAR a.b.a

10th June 2022